# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 March - 2026

**********************************

## ମୁଖ୍ୟ ସମ୍ବାଦ

- ସ୍ୱାସ୍ଥ୍ୟକ୍ଷେତ୍ରରେ ଦକ୍ଷତା ଭିତ୍ତିକ ନିଯୁକ୍ତି ସୁଯୋଗ ସୃଷ୍ଟି ସହିତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରାଯାଉଛି; କହିଲେ ପ୍ରଧାନମନ୍ତ୍ରୀ

– 'ସବ୍‌କା ସାଥ୍, ସବ୍‌କା ବିକାଶ' ଶୀର୍ଷକ ବଜେଟ୍ ପରବର୍ତ୍ତୀ ୱେବିନାରକୁ କଲେ ସମ୍ବୋଧନ

- ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ଗୃହ କାର୍ଯ୍ୟ ସ୍ୱାଭାବିକ

– ରାଜ୍ୟର ସବୁ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ମେଡିକାଲ କଲେଜ ଖୋଲିବା ପାଇଁ ସରକାର ନେଉଛନ୍ତି ନିଷ୍ପତ୍ତି; ଗୃହରେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର

- ବରଗଡ଼ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ

ଏବଂ

- ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷାର ଅନୁମାନ

# ପ୍ରଧାନମନ୍ତ୍ରୀ– ସବ୍‌କା ସାଥ, ସବ୍‌କା ବିକାଶ

ଦେଶରେ ଗତ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଆହୁରି ମଜଭୁତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀଠାରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ଜନତାଙ୍କ ଆକାଂକ୍ଷା ପୂରଣ ଶୀର୍ଷକ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟକ୍ଷେତ୍ରରେ ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନୂତନ ଦକ୍ଷତା ଭିତ୍ତିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି । ଦେଶରେ ତାଲିମ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ ।  ବିଭିନ୍ନ ଜିଲ୍ଲାରେ ନୂତନ ମେଡିକାଲ କଲେଜ ଖୋଲିବା ସହିତ ସାମଗ୍ରୀକ ସ୍ୱାସ୍ଥ୍ୟର ଉନ୍ନତି ଦୃଷ୍ଟିକୋଣ ତ୍ୱରାନ୍ୱିତ ହେଉଛି । ଆୟୁଷ୍ମାନ ଭାରତ ଯୋଜନା ଏବଂ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ବିସ୍ତାର କରାଯାଇଛି । ଭାରତର ଯୋଗ ଓ ଆୟୁର୍ବେଦ ସମଗ୍ର ବିଶ୍ୱରେ ଲୋକପ୍ରିୟତା ସାଉଁଟୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**- V/O -**

ଷ୍ଟେମ୍ ଭଳି ବିଷୟରେ ଝିଅଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବା ଗର୍ବର ବିଷୟ । ସରକାର ଭବିଷ୍ୟତ ପ୍ରଯୁକ୍ତିବିଦ୍ୟା ପାଇଁ ପ୍ରସ୍ତୁତ ହେଉଛନ୍ତି । ଯୁବ ଗବେଷକମାନଙ୍କୁ ନବସୃଜନ ଏବଂ ପରୀକ୍ଷଣ ପ୍ରତି ଉତ୍ସାହିତ କରୁଥିବା ଏକ ଦୃଢ଼ ଗବେଷଣା ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି...

**- V/O -**

ଶ୍ରୀ ମୋଦୀ କହିଛନ୍ତି, ଅନୁଷ୍ଠାନ, ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ଏକତ୍ର ଭାବେ କାର୍ଯ୍ୟ କଲେ ପରିବର୍ତ୍ତନର ଗତି ତ୍ୱରାନ୍ୱିତ ହୋଇଥାଏ। ଶିକ୍ଷାକୁ ନିଯୁକ୍ତି ଏବଂ ଉଦ୍ୟୋଗ ସହିତ ଯୋଡ଼ିବା ପାଇଁ ନିରନ୍ତର କାର୍ଯ୍ୟ ଜାରି ରହିଛି। ସରକାର ଆନିମେସନ୍, ଭିଜୁଆଲ ଇଫେକ୍ଟସ, ଗେମିଂ ଏବଂ କମିକ୍ସ– ଏ.ଭି.ଜି.ସି. କ୍ଷେତ୍ରର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଉଛନ୍ତି। ଭାରତ ଏକ ନବସୃଜନ ଚାଳିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି। ଶିଳ୍ପ ସହଯୋଗ ଏବଂ ଗବେଷଣା ଚାଳିତ ଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନୂତନ ପିଢ଼ିର ନୂତନ ମାନସିକତା ଦେଶର ସର୍ବଶ୍ରେଷ୍ଠ ପୁଞ୍ଜି। ଜାତୀୟ ଶିକ୍ଷାନୀତି-୨୦୨୦ ଏଥିପାଇଁ ଆବଶ୍ୟକୀୟ ମୂଳଦୁଆ ସ୍ଥାପନ କରିଛି ବୋଲି ପ୍ରଧାନମନ୍ତ୍ରୀ ୱେବିନାରକୁ ସମ୍ବୋଧିତ କରି କହିଛନ୍ତି।

BBSR/R

## ବିଧାନସଭା– ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି। ଅଧିବେଶନର ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା। ଶୂନ୍ୟକାଳରେ ରାଜ୍ୟରେ ପେଶା ଆଇନ ଲାଗୁ ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଦାବି କରିଥିଲେ। ସରକାର ପେଶା ଆଇନ ଲାଗୁ କରିବା ପାଇଁ ସମୟ ଧାର୍ଯ୍ୟ ସମ୍ପର୍କରେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଚାଷୀ ସମସ୍ୟା, ଧାନ କ୍ରୟ ପ୍ରକ୍ରିୟା

ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହରେ ପ୍ରଶ୍ନ ରଖିଥିଲେ। ରାଜନଗର ବ୍ଲକର ଚାଷୀ ମୃତ୍ୟୁ ଘଟଣାକୁ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ବାଚସ୍ପତି ସୁରମା ପାଢ଼ି ବିଧାନସଭା କାର୍ଯ୍ୟ ସରିବା ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାସନ କାର୍ଡକୁ ନେଇ ବର୍ତ୍ତମାନ ଗୃହରେ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଚଳିତ ମାସର ଶେଷ ଦିନରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଉପସ୍ଥାପନ କରାଯିବ। ଅଧିବେଶନ ଏପ୍ରିଲ୍ ମାସ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

BBSR/R

## ବିଧାନସଭା-୪

ରାଜ୍ୟର ସବୁ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ମେଡିକାଲ କଲେଜ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ସଦସ୍ୟ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ନୂତନ ମେଡିକାଲ ଖୋଲିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ସୁପାରିସ ଅନୁଯାୟୀ ସରକାର ନୂତନ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବେ। କମିଟିରେ ଯୋଜନା ଓ ସଂଯୋଜନା ବିଭାଗ, ଅର୍ଥ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବମାନେ ସଦସ୍ୟ ରହିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ଯାଜପୁରଠାରେ ମହାରାଜା

ଯଯାତି କେଶରୀ ମେଡିକାଲ କଲେଜ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଅନୁଗୁଳ ଜିଲ୍ଲାରେ ପବିତ୍ର ମୋହନ ମେଡିକାଲ କଲେଜ ଏବଂ କନ୍ଧମାଳ ଜିଲ୍ଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି। ମେଡିକାଲ ଶିକ୍ଷାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷଣ ହାର ପରିବର୍ତ୍ତନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା-୫

ଆସନ୍ତା ଜୁନ୍ ମାସ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ମୋବାଇଲ ଓ ନେଟୱାର୍କ ସେବା ଯୋଗାଇ ଦିଆଯିବ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବିଧାନସଭାରେ ସଦସ୍ୟ ପବିତ୍ର ସାଉଁନ୍ତାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ସମୁଦାୟ ୫୧ ହଜାର ୧୭୨ଟି ଗ୍ରାମ ମଧ୍ୟରୁ ୧ ହଜାର ୨୩୭ଟି ଗ୍ରାମରେ ମୋବାଇଲ ଓ ନେଟୱାର୍କ ସେବା ଉପଲବ୍ଧ ହୋଇପାରିନାହିଁ। କେନ୍ଦ୍ର ସରକାରଙ୍କ ଡିଜିଟାଲ ଭାରତ ନିଧି ଯୋଜନାରେ ୪ ହଜାର ୨୨୫ଟି ମୋବାଇଲ ଟାୱାର ମଧ୍ୟରୁ ୩ ହଜାର ୨୮୧ଟି ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହୋଇଛି। ବାକି ଥିବା ୯୪୪ଟି ଟାୱାର ଆସନ୍ତା ଜୁନ୍ ମାସ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୃହରେ ପ୍ରକାଶ କରିଛନ୍ତି।

BBSR/R

## ବିଧାନସଭା-୧

ରାଜ୍ୟର ୮୬ଟି ଜେଲ୍‌ରେ ୧୮ ହଜାର ୧୭୬ ଜଣ କଏଦୀ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି। କଏଦୀଙ୍କ ମଧ୍ୟରୁ ୧୪ ହଜାର ୪୦ ଜଣ ବିଚାରାଧୀନ, ୪ ହଜାର ୧୩୬ ଜଣ ଦଣ୍ଡ ପାଇଛନ୍ତି। ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ଜେଲରୁ ୪୪ ଜଣ କଏଦୀ ଫେରାର ହୋଇଥିଲେ। ୨୭ ଜଣଙ୍କୁ ଗିରଫ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୭ ଜଣ ଫେରାର ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

BBSR/R

## ବିଧାନସଭା-୨

ରାଜ୍ୟରେ ଜରୁରୀ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ୧୦୮ ଆମ୍ବୁଲାନ୍ସ ସେବାର ପହଁଞ୍ଚିବା ସମୟକୁ ହ୍ରାସ କରାଇବା ପାଇଁ ପ୍ରୟାସ ଚାଲିଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଧାନସଭାରେ ପ୍ରକାଶ କରିଛନ୍ତି। ସଦସ୍ୟ ସଞ୍ଜୀବ ମଲ୍ଲିକଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, କେତେକ ସ୍ଥାନରେ ୧୦୮ ଆମ୍ବୁଲାନ୍ସ ସଠିକ୍ ସମୟରେ ପହଁଞ୍ଚିପାରୁନଥିବା ଘଟଣାକୁ ସରକାର ଗୁରୁତ୍ୱର ସହ ନେଉଛନ୍ତି। ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ଗତ ୧୮ ମାସ ମଧ୍ୟରେ ରାଜ୍ୟ ସରକାର ୪୨୮ଟି ନୂତନ ଆମ୍ବୁଲାନ୍ସ ସେବାକୁ ସ୍ୱାସ୍ଥ୍ୟକ୍ଷେତ୍ରରେ ସାମିଲ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

BBSR/R

## ବିଧାନସଭା-୫

ରାଜ୍ୟରେ ନୂଆ ସବ୍‌ଟ୍ରେଜେରୀ ଆଉ ଖୋଲାଯିବ ନାହିଁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଗୃହରେ ଉତ୍ତର ରଖି  ଶ୍ରୀ ହରିଚନ୍ଦନ କହିଛନ୍ତି, ପେନସନ୍, ଚାଲାଣ ଆଦି କାର୍ଯ୍ୟ ଅନଲାଇନ୍‌ରେ ଇ-ଭାଉଚର ଜରିଆରେ କରାଯାଉଛି। ବର୍ତ୍ତମାନ ରାଜ୍ୟରେ ୧୬୯ଟି ଟ୍ରେଜେରୀ ରହିଛି।

Desk

# ରାଜ୍ୟସଭା ନିର୍ବାଚନ-ପ୍ରାର୍ଥୀପତ୍ର

ରାଜ୍ୟସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ରହିଛି । ଏଥିପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି । ନିର୍ବାଚନ ପାଇଁ ୬ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ଆସନ୍ତା ୧୬ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ବୋଲି ଜଣାଯାଇଛି ।  ଗୃହ କାର୍ଯ୍ୟ ଚାଲିବା ସହିତ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ କରାଯିବ ।

ନିବାଚନ ଆୟୋଗଙ୍କ ପକ୍ଷରୁ ଫେବୃୟାରୀ ମାସ ୨୬ ତାରିଖରେ ରାଜ୍ୟ ସଭା ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

Nuapada

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ନୂଆପଡ଼ା ଜିଲ୍ଲାରୁ ୭୪ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା-୨୦୨୬'ରେ ଦୁଇଟି ବସ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ନୂଆପଡ଼ା ଆମ ବସ୍ ଷ୍ଟାଣ୍ଡ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାସ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ତୀର୍ଥଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜଣାପଡ଼ିଛି।

Baragarh

## ସଡ଼କ ଦୁର୍ଘଟଣା

ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ମେହେନା ନିକଟରେ ସଡ଼କ ଦୁର୍ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସମସ୍ତ ମୃତାହତ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଜାମପାଲି ଗ୍ରାମର ଗୋଟିଏ ପରିବାରର ସଦସ୍ୟ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

ମୃତାହତ ବ୍ୟକ୍ତିମାନେ ବରଗଡ଼ ଜିଲ୍ଲା ଖଇରପାଲି ଗାଁକୁ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିବା ସମୟରେ ବିପରୀତ ଦିଗରୁ ଏକ ବୋଲେରୋ ସହ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଭେଡେନ୍ ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

ଅନ୍ୟପକ୍ଷରେ ଜିଲ୍ଲାର ଅତାବିରା ଥାନା ଅନ୍ଧାରୀପାଲି ନିକଟରେ ହାତୀ ଆକ୍ରମଣରେ ଆଜି ସକାଳୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

Rayagada/Nabarangpur

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି ।

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୦ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏଥିରେ ୮ ଜଣଙ୍କୁ ହୁଇଲ୍ ଚେୟାର ଏବଂ ୨ ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି ।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମୁନିଗୁଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୭୩ଟି ଅଭିଯୋଗ ଶୁଣାଣି କରାଯାଇଥିଲା ।

BHK

## ରୋଗୀ କଲ୍ୟାଣ ସମିତି

ଭଦ୍ରକ ଜିଲ୍ଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶୋକ ଦାସ ଯୋଗଦେଇ ରକ୍ତ ଭଣ୍ଡାର ୟୁନିଟ୍‌କୁ ସମ୍ପୂର୍ଣ୍ଣ

କାର୍ଯ୍ୟକ୍ଷମ କରିବା, ଶବ ବ୍ୟବଚ୍ଛେଦ, ପାନୀୟଜଳ, ଡାକ୍ତରୀ ପଦବୀ ପୂରଣ, ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଆଲୋଚନା କରିଥିଲେ।

Desk

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶାର ବାୟୁମଣ୍ଡଳରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ଗୋଟିଏ ଦୁଇଟି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜି ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହିତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।